# PRINT MEDIA ADVERTISEMENT

## ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ସମ୍ବଲପୁର

### ପ୍ରତିଷ୍ଠାନ ଉପବିଭାଗ

ସଂଖ୍ୟା . ୨୭୫୨ ତା. ୦୭.୦୪.୨୦୨୫

### ନୋଟିସ

ଏତଦ୍ୱାରା ସମ୍ବଲପୁର, ଝାରସୁଗୁଡା, ବରଗଡ ଏବଂ ଦେଓଗଡ ଜିଲ୍ଲାର ସମସ୍ତ ପେନସନ ଉପଭୋକ୍ତା ମାନଙ୍କୁ ଜଣାଇ ଦିଆଯାଉଛି ଯେ, ଏ .ଜି. ଓଡିଶା, ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା –୧୧୭୨ ତା-୦୪.୦୪.୨୦୨୫ ରିଖ ଅନୁସାରେ, ଆସନ୍ତା ତା୧୧.୦୪.୨୦୨୫ ସମୟ ପୂର୍ବାହ୍ନ ୦୮ ଘଟିକାରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ସମ୍ବଲପୁର ର ସଭା ଗୃହରେ ଏ .ଜି. ଓଡିଶା, ଭୁବନେଶ୍ୱର ଏବଂ ସାଧାରଣ ପ୍ରସାଶନ ଓ ସାଧାରଣ ଅଭିଯୋଗ ବିଭାଗ ଓଡିଶା, ଭୁବନେଶ୍ୱରଙ୍କ ମିଳିତ ଆନୁକୁଲ୍ୟରେ ପେନସନ ଅଦାଲତ ଅନୁଷ୍ଠିତ ହେବ । ତେଣୁ ସମ୍ବଲପୁର, ଝାରସୁଗୁଡା, ବରଗଡ ଏବଂ ଦେଓଗଡ ଜିଲ୍ଲାର ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଯେଉଁମାନେ ଗ୍ର୍ୟାଚୁଇଟି / ଜି.ପି.ଏଫ / ପେନସନ .ପାଇନାହାନ୍ତି, ସେହି ସମ୍ବନ୍ଧୀୟ ସମସ୍ୟା ଏହି ଅଦାଲତରେ ଆଲୋଚନା କରାଯିବ । ସମସ୍ତ ପେନସନ ଅନୁମୋଦନ ଅଧିକାରୀ ମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ଧାର୍ଯ୍ୟ ତାରିଖରେ ଉପରୋକ୍ତ ସ୍ଥାନରେ ଯୋଗଦାନ କରି ଏହି ସମ୍ବନ୍ଧୀୟ ଅଭିଯୋଗ ସମାଧାନ କରିବାରେ ସହଯୋଗ କରିବେ। ବକେୟା ଥିବା ଜି.ପି.ଏଫ.ର ତାଲିକା ସମ୍ବଲପୁର ଜିଲ୍ଲା ୱେବସାଇଟ https://sambalpur.odisha.gov.in ରେ ଉପଲବ୍ଧ ଅଛି ।

ସ୍ୱାକ୍ଷର

ଅତିରିକ୍ତ ଜିଲ୍ଲାପାଳ, ସମ୍ବଲପୁର